# ଗଣିତ

## ନମୁନା ପ୍ରଶ୍ନପତ୍ର

**ଶ୍ରେଣୀ-ପଞ୍ଚମ**

---

1. ନିମ୍ନ ସଂଖ୍ୟାଟିରେ ଡାହାଣ ପଟୁ  ପଞ୍ଚମ ସ୍ଥାନରେ ଥିବା "୯" ର ସ୍ଥାନୀୟ ମାନ କେତେ ?

   **" 90999099"**

   A.  900 B. 9000 C. 90000 D.900000

2. ଏକ ଲକ୍ଷ ଦୁଇ ହଜାର ତିନିଶହ ପଇଁଚାଳିଶ କୁ ବିସ୍ତାରିତ ରୂପରେ ଲେଖିଲେ କଣ ହବ ?

   A . 100000+20000+300+40+5 C. 100000+0+2000+300+40+5

   B.  10000+200000+3000+45 D. 100000+200000+300+45

3. କେଉଁ କ୍ଷୁଦ୍ରତମ ସଂଖ୍ୟା 16,24 ଓ 40 ଦ୍ୱାରା ବିଭାଜ୍ୟ ହେବ ?

   A. 240 B. 248 C. 212 D. 288

4. ବୀରେନ୍ଦ୍ର ତା ବ୍ୟାଙ୍କ ରୁ Rs127 ଜଣକୁ ପଠାଇଲା ପରେ ତା ବ୍ୟାଙ୍କ ଖାତାରେ Rs27145 ଟଙ୍କା   ରହିଲା. ତେବେ ତା ବ୍ୟାଙ୍କ ଖାତାରେ କେତେ ଟଙ୍କା ଥିଲା ?

   A.  Rs27,383 B. RS27,272 C. Rs27,167 D.Rs27,270

5. ଗୋଟିଏ କାନ୍ଥର ¼  ଅଂଶ ରାମ ଓ 1/3  ଅଂଶ ହରି ରଙ୍ଗ କଲା. ତେବେ ଦୁଇ ଜଣ ଯାକ ମିଶି କାନ୍ଥର କେତେ ଅଂଶ ରଙ୍ଗ କଲେ ?

   A.  2/7 B. 7/15 C. 7/12 D. 3/8

6. ବାପା ଆଣିଥିବା ଗୋଟିଏ କେକ ର 1/3  ଅଂଶ ମୀରା ଖାଇଲା ଏବଂ ¼  ଅଂଶ ତା ସାନ ଭାଇ ଖାଇଲା. ତେବେ କେକର  ଆଉ କେତେ ଅଂଶ ବଳିଲା ?

   A.  7/12 B. 5/12 C. ¾ D. 1/5

7. ଗୋଟିଏ ବଟନ ଫାକ୍ଟ୍ରି ଯଦି ଦିନକୁ 600000ଟି ବଟନ ତିଆରି କରେ ତେବେ ସେ 20 ଦିନରେ ମୋଟ   କେତୋଟି ବଟନ ତିଆରି କରିବ?

A. 12000    B. 120,000    C. 1200000    D. 12000000

8. କେତୋଟି 1/5  କୁ ଯୋଗକଲେ ଯୋଗଫଳ 2 ହେବ ?

A. 7    B. 10    C. 8    D. 2

9.  972 ଜଣିଆ ଗୋଟିଏ ଛାତ୍ର ଦଳ ବୁଲିବାକୁ ବାହାରିଲେ. ସେମାନେ ଯେଉଁ ଗାଡି ଠିକ କଲେ ସେଥିରେ ଗୋଟିଏ ଥରରେ 18 ଜଣ ବସିପାରିବେ. ତେବେ ସମସ୍ତେ ଯିବା ପାଇଁ କେତୋଟି ଗାଡି ଠିକ କରିବାକୁ ପଡିବ ?

A. 90    B. 60    C. 54    D. 44

10. ନିମ୍ନରେ ଥିବା ବକ୍ସ ମଧରୁ ଦୁଇଟି ସଂଖ୍ୟା ବାଛ ଯେଉଁମାନଙ୍କର ଅନ୍ତରଫଳ  6381ହେଉଥିବ

| 9 | 262 | 403 | 952 | 3,537 | 7,333 |
|---|---|---|---|---|---|

A. 7333 , 403    B. 7333 , 262    C. 7333 , 952    D. 7333 , 3537

11. ଗୋଟିଏ ସାର୍ଟ ତିଆରି ପାଇଁ 2m 10cm କପଡା ଲାଗେ. ତେବେ 12m60cm  କପଡ଼ାରେ କେତୋଟି ସାର୍ଟ ତିଆରି ହୋଇ ପାରିବ ?

A. 5    B. 6    C. 7    D. 8

12. ନିମ୍ନ ସଂଖ୍ୟା ମାଳାଟିରେ ଶୂନ୍ୟ ସ୍ଥାନରେ କେଉଁ ସଂଖ୍ୟାଟି ଆସିବ ?

1, 2, 5, 10, 17, 26, 37, ☐

A. 51    B. 42    C. 50    D. 40

13. ନିମ୍ନ ସଂଖ୍ୟା ଗୁଡିକ ବଡ ରୁ ସାନ କ୍ରମରେ ସଜାଇ ଲେଖିଲେ କଣ ହବ ?

| 9.11 | 9.78 | 9.61 | 9.01 | 10.5 |
|---|---|---|---|---|

A. 10.5, 9.78, 9.61, 9.11, 9.01

C. 10.5, 9.01, 9.11, 9.78, 9.61

B. 10.5, 9.01, 9.78, 9.61, 9.11

D. 10.5, 9.01, 9.78, 9.11, 9.6

14ଗୋଟିଏ ପୁସ୍ତକ ମେଳାରେ ସୋମବାର ଦିନ ମଙ୍ଗଳବାର ଠାରୁ 325 ଖଣ୍ଡ ଅଧିକ ବହି ବିକ୍ରି ହେଲା . ମଙ୍ଗଳବାର ଦିନ ବୁଧବାର ଠାରୁ 169 ଖଣ୍ଡ କମ ବହି ବିକ୍ରି ହେଲା. ବୁଧବାର ଓ ଗୁରୁବାର ଦିନ ସମାନ ସଂଖ୍ୟକ ବହି ବିକ୍ରି ହେଲା. ଗୁରୁବାର ଦିନ 3015 ଖଣ୍ଡ ବହି ବିକ୍ରି ହେଲା. ତେବେ ସୋମବାର ଦିନ କେତେ ଖଣ୍ଡ ବହି ବିକ୍ରି ହୋଇଥିଲା ?

A. 3171 B. 3506 C. 3340 D. 3256

15. ସର୍କସ ଦେଖିବା ପାଇଁ ଗୋଟିଏ ବଡ ଲୋକର ଟିକେଟର ଦାମ Rs200 ଏବଂ ଛୋଟ ପିଲାଙ୍କ ପାଇଁ Rs50 ରଖାଯାଇଥିଲା. ଯଦି 150 ଜଣ ବଡ ଲୋକ ଏବଂ 200 ଜଣ ଛୋଟ ପିଲା ଟିକେଟ କାଟିଲେ ତେବେ ମୋଟ କେତେ ଟଙ୍କା ଆଦାୟ ହେଲା ?

A. 36000 B. 40000 C. 42000 D. 400000

**ANSWERS**

**1.C 2.C 3.A 4.B 5.C 6.B 7.D 8.B 9.C 10.C 11.B 12.C 13.A 14.A 15.B**